# REGIONAL NEWS UNIT, AIR CUTTACK

## Morning Bulletin (8.30 AM)

**21 June – 2025**

---

# ଆନ୍ତର୍ଜାତିକ ଯୋଗ ଦିବସ

**"ଏକ ପୃଥିବୀ : ଏକ ସ୍ୱାସ୍ଥ୍ୟପାଇଁ ଯୋଗ"** ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଏକାଦଶତମ ଆନ୍ତର୍ଜାତିକ ଯୋଗଦିବସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶାଖାପଟନମ୍‌ଠାରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଯୋଗଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗର ସାଧାରଣ ଅର୍ଥ ହେଉଛି ଯୋଡ଼ି ହେବା । ଆଜି ସମଗ୍ର ବିଶ୍ୱ ଯୋଗସହ ଯୋଡ଼ି ହୋଇଛି । ସୁସ୍ଥ ଜୀବନଶୈଳୀ ପାଇଁ ଯୋଗ ସମସ୍ତଙ୍କ ନିମନ୍ତେ ଅପରିହାର୍ଯ୍ୟ । ଏହି ଅବସରରେ ପ୍ରଧାନମନ୍ତ୍ରୀ ତେଲଯୁକ୍ତ ଖାଦ୍ୟ କମ୍ ବ୍ୟବହାର କରିବା ସହ ଯୋଗକରି ସୁସ୍ଥ ଜୀବନ ଶୈଳୀ ଆପଣାଇବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି : **V/O**

ଦେଶରେ ୩ ଲକ୍ଷ ୫୦ ହଜାରରୁ ଅଧିକ ସ୍ଥାନରେ ଯୋଗ ସଙ୍ଗମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏକାଦଶ ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ କୋଣାର୍କ ସମେତ ଦେଶର ୧୦୦ଟି ପର୍ଯ୍ୟଟନ ସ୍ଥଳୀ ଏବଂ ୫୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ କେନ୍ଦ୍ରରେ ଯୋଗ ଶିବିରମାନ ଅନୁଷ୍ଠିତ ହେଉଛି ।

# ମୁଖ୍ୟମନ୍ତ୍ରୀ-ଯୋଗ

ଯୋଗର ଅର୍ଥ ସମାନତା ଏବଂ ସନ୍ତୁଳନ । ଚାପମୁକ୍ତ ଜୀବନ ପାଇଁ ଯୋଗ ସାମଗ୍ରିକ ମାର୍ଗଦର୍ଶନ ଦିଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ କୌଣସି ଧର୍ମରେ ସୀମିତ ରହେ ନାହିଁ, ବରଂ ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଙ୍ଗମ ।

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଯୋଗଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଯୋଗଦିବସ ପାଳନ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

---

# ଯୋଗ

ଖୋର୍ଦ୍ଧା ଜିଲ୍ଲା ହାବେଳି ପଡ଼ିଆଠାରେ ଚାଲିଥିବା ବିକାଶ ମେଳାରେ ଆଜି ଯୋଗ ଦିବସ ପାଳନ କରାଯାଇଛି । ମେଳାର ନବମ ଦିବସରେ ଗତକାଲି ଐତିହାସିକ ପାଇକ ବିଦ୍ରୋହର ସ୍ମୃତିଚାରଣ ସ୍ୱରୂପ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

---

# ଡାଇରିଆ ସ୍ଥିତି

ରାଜ୍ୟରେ ଡାଇରିଆ ସଂକ୍ରମଣ ହ୍ରାସ ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରୁ ଏହି ସୂଚନା ମିଳିଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଡାଇରିଆ ନିରାକରଣ ଅଭିଯାନ ଚାଲୁ ରହିଛି । ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଆଦି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଏହି ଅଭିଯାନକୁ ଅଧିକ ବ୍ୟାପକ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ରାଜ୍ୟରେ ଡାଇରିଆ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସିଛି ।

---

# ପିଏମ୍ ପୋଷଣ

ରାଜ୍ୟରେ ପିଏମ୍ ପୋଷଣ ଯୋଜନା କାର୍ଯ୍ୟକାରୀ ହେଉଛି । କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ବର୍ଦ୍ଧିତ ରନ୍ଧନ ସାମଗ୍ରୀ ଖର୍ଚ୍ଚ ଗତ ମଇମାସ ପହିଲାରୁ ଲାଗୁ ହୋଇଛି । ରାଜ୍ୟ ସରକାର ଅତିରିକ୍ତ ରନ୍ଧନ ସାମଗ୍ରୀ ଖର୍ଚ୍ଚ ବାବଦରେ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ମୁଣ୍ଡପିଛା ୧ଟଙ୍କା ୪୫ ପଇସା ଏବଂ ଉଚ୍ଚମାଧ୍ୟମିକ ଛାତ୍ରଛାତ୍ରୀଙ୍କ ପାଇଁ ୧ଟଙ୍କା ୬୫ ପଇସା ପ୍ରଦାନ କରୁଛନ୍ତି ।

---

# ଅଗ୍ନିପଥ

ଭାରତୀୟ ସେନା ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର ନିଯୁକ୍ତି ନିମନ୍ତେ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଆସନ୍ତା ୩୦ ତାରିଖରୁ ଆରମ୍ଭ ହେବ । ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷା କୋଲକାତା ନିଯୁକ୍ତି ଜୋନ୍ ଅଧୀନସ୍ଥ ଦେଶର ୧୮ଟି ସହରର ୨୨ଟି କେନ୍ଦ୍ରରେ ଅନୁଷ୍ଠିତ ହେବ । ଓଡ଼ିଶାର କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ ବାଲେଶ୍ୱର ଆଦି ୭ଟି ସ୍ଥାନରେ ଏହି ପରୀକ୍ଷା ହେବ ବୋଲି ଜଣାପଡ଼ିଛି ।

---

# ସାଇବର ଅପରାଧ

ସାଇବର ଅପରାଧ ସଂପର୍କରେ ସଚେତନତା ଲକ୍ଷ୍ୟ ନେଇ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ବିଜୁପଟ୍ଟନାୟକ ହୋମିଓପାଥି ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଏକ କର୍ମଶାଳା ଗତକାଲି ଆୟୋଜିତ ହୋଇଯାଇଛି । ସାଇବର ଅପରାଧକୁ ପ୍ରତିହତ କରିବା ଲାଗି ରହିଥିବା ଆଇନ ଏବଂ ବ୍ୟବସ୍ଥା ଉପରେ ଏହି କର୍ମଶାଳାରେ ଆଲୋକପାତ କରାଯାଇଛି ।

---

# ପର୍ପଲ ମେଳା

ଢେଙ୍କାନାଳଠାରେ ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ଲକ୍ଷ୍ୟ ନେଇ ଜିଲ୍ଲାସ୍ତରୀୟ ପର୍ପଲ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ତାଲିମ ଓ

ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଦ୍ୱାରା ନିର୍ମିତ ସହାୟକ ଉପକରଣ ଏବଂ ଉତ୍ପାଦର ପ୍ରଦର୍ଶନ କରାଯାଇଥିଲା ।

## ସଚେତନତା ଶିବିର

ବଲାଙ୍ଗୀର ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ସମରା ଗ୍ରାମପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ବଞ୍ଚିବାର ଅଧିକାର ଉପରେ ଶିବିରାର୍ଥୀଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ଏହି ଶିବିରରେ ଯୋଗଦେଇ ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟଗତ ଯୋଜନା ଗୁଡ଼ିକ ଉପରେ ଆଲୋକପାତ କରିଥିଲେ ।

## ମାଲ୍ୟାର୍ପଣ

କଳାହାଣ୍ଡି ଜିଲ୍ଲା ଉର୍ଲାଦାନୀସ୍ଥିତ ଶହୀଦ ରେଣ୍ଡୋ ମାଝିଙ୍କ ପ୍ରତିମୂର୍ତ୍ତିରେ ଗତକାଲି ମାଲ୍ୟାର୍ପଣ ସହ ଏକ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

କୋରାପୁଟ ଜିଲ୍ଲା ତେନ୍ତୁଳିଗୁମ୍ମା ଓ ଜୟପୁରଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକ ଏବଂ ଆଜାଦ ହିନ୍ଦ୍ ଫୌଜର

ସଦସ୍ୟବୃନ୍ଦ ସ୍ୱର୍ଗତ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ପାଣିପାଗ

ଲଘୁଚାପ ପ୍ରଭାବରେ ଗତକାଲି ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।

ବାଲେଶ୍ୱର ଜିଲ୍ଲା ରାଜଘାଟଠାରେ ସୁବର୍ଣ୍ଣରେଖା ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ସେଠାରେ ବିପଦ ସଂକେତ ସ୍ତର ୧୦ ଦଶମିକ ୩/୬ ମିଟର ଥିବା ବେଳେ ସକାଳ ୫ଟା ସୁଦ୍ଧା ୧୧ ଦଶମିକ ୩/୫ ମିଟର ଜଳସ୍ତର ରହିଥିଲା ।